# ପିଲାଙ୍କ କଥା (ମୁଣ୍ଡା)

## ଦ୍ୱିତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓଟା**

ପ୍ରସ୍ତୁତି
**ମୁଣ୍ଡା ସଂସାଧକ ମଣ୍ଡଳୀ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Munda Resource Group**

Co- ordinator :
**Dr. Paramananda Patel**



Published by :
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକର ଅନେକ ଉପଭାଷା / ବୋଲି ତିଆରି କରି ଦେଇଛି ତେଣୁ ବିସ୍ତରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅଡୁଆ କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀର ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ । ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ; ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକ ମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପ୍ରର୍ଯ୍ୟାୟ କ୍ରମେ ତାଲିମ୍ ଦେଇଆସୁଛି । ଦ୍ୱିତୀୟତଃ ପ୍ରଥମ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବାପାଇଁ ତାଙ୍କ ଭାଷା ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ-ଗୀତ-ପହଳିର ଅତିରିକ୍ତ ପୁସ୍ତିକା । ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ସଂକ୍ରମିତ କରୁଛି ତା ଉପରେ ଧାରଣା ପାଇବେ ।

**ଅଖିଳ ବିହାରୀ ଓତା**



# ସେଙ୍ଗେଲ୍ ଗାମା
# ଅଗ୍ନିବର୍ଷା





## ସେଙ୍ଗେଲ ଗାମା

ମୁଣ୍ଡା ଜାତି କଓ୍ୱାଅା ମାରାଙ୍ଗ ବଙ୍ଗାଦଃ ସିଙ୍ଗିବଙ୍ଗା । ସିଙ୍ଗି ବଙ୍ଗାଗେ ନେନ ଦେଶୁମାଏଃ ବାଇତାଡା । ସାବନ୍ ଜୀବନାନ ବାଇତାଡ୍ କଓ୍ୱାଃ । ତାୟମ ଉତେରତେ ମାନୁଆ ମାନିମୀ କିନେଏଃ ବାଇକେଡ୍ କିନେ । ଆକ ସାଙ୍ଗି ଜାନାକ, ସାବିନ ସୁବିଧା ବାୟେଡ୍ କଓ୍ୱାଃ । ମେନଦଃ ମାନୁଆକ । ସାଙ୍ଗିଜାନ ତାୟମ୍ ସିଙ୍ଗ୍‌ବଙ୍ଗାକ ରିଇଙ୍ଗ କିଏଃ । ସାବିନ ଇମିତେ ଏପେରାଂ, ତାପାମ୍ ରୁପୁଉ, କୁମ୍ବୁଉ ଜୁମ୍ବୁଇ ରେଗେକ ତାଇଜାନା । ଏନାମେନ୍ତେ ସିଙ୍ଗିବଙ୍ଗା କୁର୍‌କୁର ଜାନାଃ । ଦେଶୁମ୍‌ରେ ସେଙ୍ଗେଲ ଗାମାଏଃ ବାଇକେଡାଃ । ସେଙ୍ଗେଲ ଗାମାତେ ବୁରୁଦାରୁ ସାବିନ ଲଅଃ ଚାବାଜାନା । ସାବିନ୍ ମାନୁଆକ ଜୀବଜନ୍ତୁକ ଲଅଃଗଏଃ ଚାବାଜାନା । ଅକନ ଅକନ୍ ତାଆରେଃ ତାରସାଙ୍ଗ୍ ଜାନ୍ତେ ଦିରିକ ବାଇଜାନା ।  ଏନ୍ ଦିରିକ ନାଆଃସାନ୍ତେ ବୁରୁରେ ମେନାଃକ ଗେୟାଃ ।



## ଅଗ୍ନିବର୍ଷା

ମୁଣ୍ଡା ଜାତି ମାନଙ୍କର ମୂଖ୍ୟ ଦେବତା ହେଉଛନ୍ତି ସିଙ୍ଗିବଙ୍ଗା (ସୂର୍ଯ୍ୟ ଦେବତା) ସୂର୍ଯ୍ୟ ଦେବତା ହିଁ ସୃଷ୍ଟିକୁ ରଚନା କରିଛନ୍ତି । ସମସ୍ତେ ଜୀବଜନ୍ତୁକୁ ସୃଷ୍ଟିକଲା ପରେ ଶେଷରେ ମନୁଷ୍ୟକୁ ସୃଷ୍ଟି କଲେ । କ୍ରମେ ସେମାନଙ୍କ ସଂଖ୍ୟା ବଢିବାକୁ ଲାଗିଲା । ସିଙ୍ଗିବଙ୍ଗା ତଥାପି ସେମାନଙ୍କର ସୁଖ ସୁବିଧା ଖଞ୍ଜି ଦେଲେ । ଲୋକେ ନିଜର ସ୍ୱାର୍ଥପାଇଁ ସିଙ୍ଗିବଙ୍ଗାକୁ ଭୁଲିଗଲେ । ସବୁବେଳେ ସେମାନେ ହିଂସା, କଳହ, ହତ୍ୟା ଲୁଣ୍ଠନ କାର୍ଯ୍ୟରେ ସମୟ ଅତିବାହିତ କଲେ । ସେମାନଙ୍କୁ ଦେଖି ଭଗବାନ କ୍ରୋଧୀତ ହେଲେ । ଅଗ୍ନିବର୍ଷା ସୃଷ୍ଟିକଲେ । ଅଗ୍ନିବର୍ଷା ଯୋଗୁଁ ବୃକ୍ଷଲତା, ଜୀବଜନ୍ତୁ ସବୁଜଳି ଶେଷ ହେବାକୁ ବସିଲା । ମନୁଷ୍ୟ ଜାତି ଲୋପ ହେବାକୁ ବସିଲା । ସ୍ଥାନେ ସ୍ଥାନେ ଅଗ୍ନିରେ ପୋଡି ମନୁଷ୍ୟ ପଥର ପାଲଟି ଯାଇଛନ୍ତି । ଆଜିକାଲି ମଧ୍ୟ ସେହି ପଥର ମୂର୍ତ୍ତି ପାହାଡ ଉପରେ ଦେଖିବାକୁ ମିଳେ ।

ସେଙ୍ଗେଲ ଗାମାଏ ଗାମାତାଡ୍ ଇମିତେ ନାଗେଏରା ନେଲକେଡାଃ ନେକାରେଦଃ ଗଟା ଦେଶୁମ୍ ମୁଚାଡ୍ ଚାବାଓ୍ୱା ଏନାମେନ୍ତେ ସବିନ୍ ଜାତି କଓ୍ୱାଏତେ ବାରିଏବାରିଏ ଦାଆ ବିତେରରେଏ ଉକୁ କେଡ୍ କଓ୍ୱା । ମାନୁଆ ମାନିମୀ କିନ୍ ମିଏଡ୍ ଶୁକୁ ତୁମ୍ବେ ବିତେରରେ ଦାଆ ବିତେରରେଏଃ ଉକୁତାଡ୍ କିନେ । ଆନିଦେଆଇ ସିଙ୍ଗି ସେଙ୍ଗେଲ ଗାମାଏ ଗାମାକେଡା, ଏନାଏତେ ଚାବାଜାନା ।

ସିଙ୍ଗିବଙ୍ଗାଦଃ ସାବିନ୍ କାଜିଇ ଆଦାୟା । ଆଏଃ ଆଦା କେଡାଚି ନାଗେ ଏରା ମାନୁଆ ହନ୍କିନ୍ ଲଅଃ ସାବିନ୍ ଜୀବଜନ୍ତୁକ ଉକୁତାଡ୍ କଓ୍ୱାମେନ୍ତେ ନାଗେଏରା ସିଙ୍ଗବଙ୍ଗାତାଆରେ ହାଆରିଗୁଆରି ଜାନାଏ । ମାଫ୍ଏଃଆସିକିଏଃ । ସାବିନ କଏଃ ଅଣ୍ଡଙ୍ଗ ରୁଓ୍ୱେ କେଡ କଓ୍ୱା । ଏନାଏତେ ନାଆଦଃ ଆବୁ ନାଗେଏରା ଲାଗିଡ୍ ଦେଶୁମରେ ସାବିନ କବୁ ସାଙ୍ଗିଜାନା ।

ଅଗ୍ନିବର୍ଷା ହେବା ସମୟରେ ଜଳଦେବୀ ଦେଖିଲେ ସୃଷ୍ଟି ବିନାଶ ହେବା ସୁନିଶ୍ଚିତ ତେଣୁ ସେ ସବୁ ପ୍ରାଣୀଙ୍କ ମଧ୍ୟରୁ ଦୁଇ ଦୁଇଟି ପାଣି ଭିତରେ ଲୁଚାଇ ରଖିଲେ । ମନୁଷ୍ୟ ଦୁଇଟିକୁ ସେ ଗୋଟିଏ ଲାଉ ତୁମ୍ବାରେ ରଖି ନଦୀ ଭିତରେ ଲୁଚାଇ ରଖିଲା । ସାତ ଦିନ ସାତ ରାତି ଅଗ୍ନିବର୍ଷା ହୋଇ ବନ୍ଦହେଲା ।

ସିଙ୍ଗିବଙ୍ଗାକୁ କେଉଁକଥା ଅଜଣା ? ସେ ଜାଣିପାରିଲେ ମନୁଷ୍ୟ ଦୁଇଟି ସହିତ ସମସ୍ତ ଜୀବଜନ୍ତୁକୁ ଜଳଦେବୀ ଜଳରେ ଲୁଚଇ ରଖିଛି । ଜଳଦେବୀ ସିଙ୍ଗିବଙ୍ଗା ପାଖରେ କ୍ଷମା ମାଗିଲେ । ସବୁ ପ୍ରାଣୀକୁ ପାଣି ଭିତରୁ ବାହାର କଲେ । ଜଳଦେବୀ ଯୋଗୁଁ ଜୀବନଗତ ରକ୍ଷା ହେଲା । ଆଜି ଦିନକୁ ଦିନ ସେମାନଙ୍କ ସଂଖ୍ୟା ବଢିବାରେ ଲାଗିଛି ।





# ପେଏଃ ଅଣ୍ତଅ ବୁଦ୍ଧି
# ବୁଦ୍ଧି ଓ ବଳ



## ପେଏଃ ଅଣ୍ଡଅ ବୁଦ୍ଧି

ସିଦେମୁନୁ ସାବିନ୍ ସାବିନ କଲଅକ ଜାଗାରତାଇକେନା ସିଙ୍ଗିବଙ୍ଗା ଲଅ ଦୁବ୍‌ଜାନ୍ତେ ସାବିନ ଦୁଃକୁକ ଜାଗାରାଇ ତାକେନା । ମୁସିଂ ମିଏଡ୍ ହୋ' ସିଙ୍ଗିବଙ୍ଗା ତାଆଃ ସେନଜାନ୍ତେ ମେତାଡିଏଃ । ଆଞ୍ଜ୍‌କେଦଃ ସାବିନ୍ କଓ୍ୱାଏତେ ପୁରେଏ ବୁଦ୍ଧି(ସେୟାଁ) ଏମାଡିଞ୍ଜେ । ନାଆଦଃ ସାବିନ୍ କଓ୍ୱାଏତେ ପୁରେଏଃ ପେଏଃ ଏମାଞ୍ଜ ମେ ଏନ୍‌ରେଦଃ ସାବିନ ପାଇଟି ଆଞ୍ଜାଆଞ୍ଜ୍ ପାଇଟି ଦାୟେଏଃ ଠିକ୍ ଗେୟାଃ ଗାପା ସେତାଆ ସେନ୍‌ମେ ପେଏଃ ଆଗୁ ଲେଏମେ ମେତାୟେ । ଏନ୍‌କାଜି ମିଏଡ୍ କୁଲେ ଆୟୁମ୍ କେଡାଃ । କୁଲେ ଆଉରି ଆଙ୍ଗଅରେଗେ ସିଙ୍ଗିବଙ୍ଗା ତାଆଏଃ ସେନଅଜାନା । ସିଙ୍ଗିବଙ୍ଗା ଇମିତେ ଆଉରିଇ ଉଟେନେ । କୁଲେ ହ' ଲେକାଏ କାଜିକେଡାଆଞ୍ଜ୍ ପେଏଃ ଇଡେଞ୍ଜ୍ ହୁଜୁଉଃ କାନା । ଦା ପେଏଃ ଏମାଞ୍ଜ ମେ ?

### ବୁଦ୍ଧି ଓ ବଳ

ସୃଷ୍ଟି ଆରମ୍ଭରେ ସବୁ ଜୀବଜନ୍ତୁ ମଣିଷଙ୍କ ଭଳି କଥାବର୍ତ୍ତା କରୁଥିଲେ । ସୃଷ୍ଟିକର୍ତ୍ତା ଭଗବାନଙ୍କ ସମ୍ମୁଖରେ ସବୁ ଦୁଃଖ ସୁଖ ଜଣାଉଥିଲେ । ଦିନେ ମନୁଷ୍ୟ ଭଗବାନଙ୍କୁ ପାଖକୁ ଯାଇ କହିଲା- "ମୋତେ ବୁଦ୍ଧି ଦେଇଛ ବଳ ଦେଇନାହଁ । ତେଣୁ ମୋତେ ଅଧିକ ବଳ ଦିଅ । ଯାହା ଫଳରେ ମୁଁ ଅଧିକ କାମ କରିପାରିବି । " ଭଗବାନ୍ ଠିକ୍ ଅଛି କାଲି ସକାଳେ ବଳ ଦେବି ବୋଲି କହିଲା । ସେହି କଥାଟିକୁ ଗୋଟିଏ ବାଘ ଶୁଣିଥାଏ । ବାଘଟି ବଳନେବ ବୋଲି ସକାଳ ନ ହେଉଣୁ ଭଗବାନଙ୍କ ପାଖକୁ ଗଲା । ଭଗବାନ ସେତେବେଳେ ଶୋଇଛନ୍ତି, ଉଠିନାହାନ୍ତି । ।





ସିଙ୍‌ବଙ୍ଗା ଗିତିଏ କାନ୍ତେଗେ ମାନୁଆ ହୁଜୁଓ୍ୱେ କାନାମେନ୍ତେ । ଆଏ ପାଆଅ କାଏଃ ନେଲ୍ କେନାଃ । ମେତାଡିଏଃ- ହାନ୍ କଚାରେ ପେଏଃ ମେନାଆଃ । ଇଡିକେଏ ମେ । କୁଲେ ଚିମିନେଏଃ ବାୟେଃ ଇମିନ୍ ପେଏଃ ଇଡିକେଏ ତେଏଃ ସେନଅଜାନା । ସେତାାଃ ତରସା ମାନୁଆ ହୁଜୁଉଲେନା ପେଏଃ ଲାଗିଡ୍ । ସିଙ୍ଗିବଙ୍ଗା ମେତାଡିଏ- ଆମଦଃ ପେଏଃ ଏନାଙ୍ଗ୍ ରେମ୍ ଇଡ୍‌କଡା । ମେନଦଃ ମାନୁଆ କାହାଗେ ଆଞ୍ଜିଦକାଞ୍ଜ୍ ଇଡେ ମେତାଡିଏଃ । ସିଙ୍ଗିବଙ୍ଗା ଆଦାକେଡା ପେଏଦଃ କୁଲେ, ମାନୁଆ ଲେକା ଜାଗାର କେଏ ତେଏଃ ଇଡ୍ କେଡାଃ । ସିଙ୍‌ବଙ୍ଗା କୁର୍ କୁର୍ ଜାନା । ତିସିଙ୍ଗେଏତେ ସାବିନ୍ ଜୀବଜନ୍ତୁକ ଜାଗାର ଆଲକାକ ଜାଗାର କା ମେନ୍ତେଏ କାଜିକେଡା ମାନୁଆ ଚିମିନେଙ୍ଗ ସାରେଏ ଲେନ୍ ପେଏଃ ଇିଡିକେଡା ସିଙ୍ଗିବଙ୍ଗା ମେତାଡିଏ- ୟୁଃ ତିସିଙ୍ଗେଏତେ ବୁଦ୍ଧିତେ ଘାଇଟିଇମ୍ । ଏନାମେନ୍ତେ ନାଆ କୁଲେଢାଆରେ ପେଏଃ ମେନାଆ ମେନଦଃ ମାନୁଆ ତାଆରେ ବୁଦ୍ଧି ମେନାଆ ।

ବାଘ ମଣିଷ ସ୍ୱରରେ କହିଲା - ମୁଁ ବଳ ନେବାକୁ ଆସିଛି । ମୋତେ ବଳ ଦିଅ । ଭଗବାନ୍ ଶୋଇଛନ୍ତି । ମଣିଷ ଆସିଛି ବୋଲି ଭାବିଲେ । ତାଆଡକୁ ନ ଦେଖି କହିଲେ - ସେଇ କୋଣରେ ବଳ ଅଛି ନେଇ ଯା । ବାଘ ଯେତିକି ପାରିବ ସେତିକି ବଳ ନେଲା । ସକାଳ ସମୟରେ ମନୁଷ୍ୟ ଆସି ଭଗବାନଙ୍କୁ ବଳ ମାଗିଲା । ଭଗବାନ୍ ସବୁ ଜାଣିପାରିଲେ । ସେହି ଦିନଠାରୁ ଜୀବଜନ୍ତୁଙ୍କ କଥାବର୍ତ୍ତା କରିବା ଭଗବାନ ବନ୍ଦ କରିଦେଲେ ଲୋକଟି ଯେତିକି ବଳ ଥିଲା ତାକୁନେଇ ଚାଲିଗଲା । ସେହି ଦିନଠାରୁ ବାଘପାଖରେ ବଳ ଅଛି । ମଣିଷ ପାଖରେ ବୁଦ୍ଧି ଅଛି ।



# ଚାଉଲି ଦାରୁ
# ଚାଉଲ ଗଛ





# ଚାଉଲି ଦାରୁ



ସିଦେମୁଦୁ ଟିମିତେ ସିଙ୍ଗବଙ୍ଗା ମାନୁଆକଏଃ ବାଇକେଡ୍‌କଓ୍ୱା, ଆକ ଜମେ ଲାଗିଡ୍ ଚାଉଲି ଦାରୁ ବାଇକେଡାଃ। ସାମା ହେର୍ ଏଣ୍ଡାଆ ତାଆରେ ଚାଉଲି ଦାରୁ ହାରାମାରଙ୍ଗଅ ତାଇକେନା। ମିଏଡ୍ ଗେଲେ ରେଗେ ମିଡ୍ ବାଟି ଚାଉଲି ଜଅଃ ତାଇକେନା ମାନୁଆକ ଏନ୍ ଚାଉଲିକ ଅଓ୍ୱାତେ ଆଗୁକାତେ ସୁକୁତେକ ଜମେ ତାଇକେନା। ମୁସିଙ୍ଗ ସିଙ୍ଗିବଙ୍ଗା ମାନଆକ ଚିଲିକେ ମେନାଃ କଓ୍ୱା ମେନ୍ତେ ହନର ତେଏ ହୁଜୁଉ ଲେନା। ହନ୍‌ର ହନର ତେଏ ନେଲ୍ କେଡ୍ କଓ୍ୱା ମାନୁଆ ହନ୍‌କ ଲାଣ୍ଡିଏ ଚାବାଜାନାକ। ଶୁଶୁନ ଦୁରେଂଜମ୍‌ନୁଉ ଅଣ୍ଡଅ ବୁଲ ରେଗେ ମେନାଆ କଓ୍ୱା।

ଭଗବାନ ସୃଷ୍ଟି ପ୍ରାରମ୍ଭରେ ଯେତେବେଳେ ମଣିଷକୁ ସୃଷ୍ଟିକଲେ, ସେମାନଙ୍କ ପାଇଁ ସବୁ ସୁବିଧା କଲେ। ଖାଇବାକୁ ଚାଉଳ ଗଛ ସୃଷ୍ଟି କଲେ। ଚାଉଳ ଗଛଟି ବିନା ଯତ୍ନରେ କେବଳ ବୁଣିଦେଲେ ବଢିଯାଉଥିଲା। ଗୋଟିଏ କେଣ୍ଡାରେ ଏକ ପାଇ ଚାଉଳ ଫଳୁଥିଲା। ଲୋକମାନେ ସେହି ଚାଉଳ ଘରକୁ ଆଣି ଖୁସିରେ କାଳାତିପାତ କରୁଥିଲେ। ବହୁଦିନ ପରେ ଭଗବାନ ଲୋକମାନେ କିପରି ଅଛନ୍ତି ଦେଖିବାକୁ ବୁଲି ବାହାରିଲେ। ବୁଲି ବୁଲି ଦେଖିଲେ ଲୋକମାନେ ଅଳସୁଆ ହୋଇ ନାଚ, ଗୀତ, ଏବଂ ମଦପିଇ ଜୀବନକୁ ନଷ୍ଟ କରୁଛନ୍ତି।

ମିଣ୍ଡଅ ମାନୁଆ ଚାଉଲି ଦାରୁ ସୁବାରେ ଏଃ ଇଇଁ ତାନା ଅଣ୍ଡଅ ଚାଉଲି ହଡ୍ କାତେଏ କମ୍ତାନା । ସିଙ୍ଗବଙ୍ଗା । ମାନୁଆ ନେଲ୍ତେ ଏସୁପୁରେଏ ନାରାଜ୍ଜାନା । ମାନୁଆ ଚିମିନ୍ ଅଜ୍ଜୁରା ପାଇଟିଇ ପାଟିଇ ତାନା । ସିଙ୍ଗବଙ୍ଗା ଲାଗିଡ୍ ଆକଓ୍ୱା ସେବାଶାଳା ଉଲୁଃଉଗେ ବାନାଆଁ । ସିଙ୍ଗବଙ୍ଗା ରୁଓ୍ୱେଜାନ୍ତେ ସାବିନ୍ ଚାଉଲି କଏଃ । ଇଡ୍ ରୁଓ୍ୱେକେଡାଃ । ଗାପାରେରକ ନେଲେତାନା ସାବିନ୍ ଦାରୁରେ ଚାଉଲି ବାନୁଆଁ । ସିଙ୍ଗ ବଙ୍ଗାତାଆଃ ସେନଅ ଜାନ୍ତେକ ଗୁହାରି କେଡାଃ । ମେତାଡ୍ କଓ୍ୱାଏ ଆପେ ଜିଜିଡ୍ ଲାଗିଡ୍ ଚାଉଲି ଦାରୁଞ୍ ଏମାଡ୍ ପେୟା ଆପେ ଏନା କାପେ ମା'ନ କେଡାଃ । ଇଇତାନ୍ ରେପେ ଜମ୍ କେଡାଃ ।

ଜଣେ ଲୋକ ଚାଉଳ ଗଛ ମୂଳରେ ଝାଡା ବସିଛି , ଚାଉଳ ଗଛରୁ ଚାଉଳ ତୋଳି ଖାଉଛି ଭଗବାନଙ୍କୁ ଏ ଦୃଶ୍ୟ ଖୁବ୍ ଦୁଃଖ ଦେଲା । ମନୁଷ୍ୟ କେତେ ଅ-ପବିତ୍ର କାମ କରୁଛି । ଭଗବାନଙ୍କ ସୃଷ୍ଟିକୁ ଅପମାନ କରୁଛି । ଭଗବାନ ସେଠାରୁ ଫେରି ସବୁ ଚାଉଳ ଗଛରୁ ଚାଉଳ ନେଇଗଲେ । ପରଦିନ ଦେଖିଲେ ସବୁ ଚାଉଳ ଗଛରେ ଚାଉଳ ନାହିଁ । ସେମାନେ ଭଗବାନଙ୍କ ପାଖକୁ ଯାଇ ପ୍ରାର୍ଥନା କଲେ । ଭଗବାନ ସେମାନଙ୍କୁ କହିଲେ- ତୁମର ବଞ୍ଚିବା ପାଇଁ ମୁଁ ତମକୁ ଚାଉଳ ଗଛ ଦେଇଥିଲି । ତମେ ତାକୁ ହେୟ ମନେ କଲ । ଭଗବାନଙ୍କ ପ୍ରସାଦ ରୂପେ ଗ୍ରହଣ କଲନାହିଁ । ତୁମେ ଝାଡା ବସିଥିବା ସମୟରେ ତାକୁ ତୋଳି ଖାଇଲ ।





ଏନା ମେନ୍ତେଞ୍ ଆଗୁ ରୁଓ୍ୱେ କେଡା ସିଙ୍ଗିବଙ୍ଗା ତାଆରେ ଆକଓ୍ୱା ଗାଲିତିକ ମାନାତିଙ୍ଗ ଜାନା । ସିଙ୍ଗବଙ୍ଗା ତାଆରେ ଆକଓ୍ୱା ଗାଲିତିକ ମାନାତିଙ୍ଗ ଜାନା ସିଙ୍ଗବଙ୍ଗା କାଜିକେଡା-ଠିକ୍ ଗେୟାଃ ଆପେ ଜିନିଡ୍ ଲାଗିଡ୍ ବାବା ଦାରୁଞ୍ ଏମାପେୟାଃ । ଏନାଦଃ ହେର ଏଣ୍ଡାଆ ତାଆରେ କାହା ହବାନା । ଏନାଦଃ ଅକଏ ଚିମିନ୍ ପେ ପାଇଟିଏ ଇମିନ୍‌ପେ ନାମେୟା । ଲାଣ୍ଡିଏ କଦକାପେ ନାମେୟାଃ । ବାବା ଦାରୁରେ ବାବା ମାତାଜାନ୍ ରେୟଃ ହାପାତେ କାତୋ ଜମଦାୟେଏଃ । ସିଙ୍ଗବଙ୍ଗା ତାଆରେ ବଙ୍ଗା କେଏତେ ଜମ୍‌ନାମା ଲେନଅତେ ଏନଙ୍ଗାଆ ପେ ଜମ ଦାୟେଏଃ । ଏନ୍ ମୁସିଙ୍ଗେଏତେ ଚାଉଲିଦାରୁ ବାନଅ । ବାବା ଚାଷ୍ କାତେବୁ ଆସୁଲେନ୍ ତାନା ।



ତେଣୁ ଚାଉଳ ଗଛରୁ ସବୁ ଚାଉଳକୁ ମୁଁ ଆଣିଛି । ମନୁଷ୍ୟ ତାର ଭୁଲ ପାଇଁ କ୍ଷମା ମାଗିଲା । ପୁନର୍ବାର ଭୁଲ ହେବନାହିଁ ବୋଲି କହିଲା । ଭଗବାନ କହିଲେ - ଠିକ୍ ଅଛି ତମର ଖାଦ୍ୟ ପାଇଁ ଏବେ ତମକୁ ଧାନଗଛ ଦେଉଛି କିନ୍ତୁ ଧାନ କେବଳ ବୁଣିଦେଲେ ହେବନାହିଁ । ତମେ ଯେତେ ପରିଶ୍ରମ କରିବ ସେତେ ଧାନ ପାଇବ । ଅଳସୁଆ ହେଲେ ଧାନ ପାଇବ ନାହିଁ । ଧାନ ଗଛରେ ଧାନ ପାଚିଲେ ମନଇଚ୍ଛା ଖାଇପାରିବ ନାହିଁ । ନୂଆ ଧାନକୁ ଚାଉଳ କରି ଭଗବାନଙ୍କୁ ଅର୍ପଣ କରି ନୂଆଖାଇ ପର୍ବପରେ ଖାଇ ପାରିବ । ସେ ଦିନଠାରୁ ଆମେ ଧାନ ଚାଷ କରି ଆସୁଛୁ ।



# ଚଇତୁବୁଲେ
# ଚଇତୁ ବୁଢା



## ଚଇତୁବୁଲେ

ଚଇତୁବୁଲେ ସିୟୁଉତାନ୍‌ରେ ମିଏଡ୍ ଚୁଣ୍ଟିଲାକେ ନାମ୍‌କିଏଃ । ଗଇଃତେୟାଃ ନାମ୍‌ତାନ୍‌ରେ ଚୁଣ୍ଟିଲା କାଜି କେଡାଃ- ଆଞ୍ଜ୍‌କେ ଆଲମ ଗଇଃଞ୍ଜେ, ଆମ୍ ଦୁକୁରେଞ୍ଜ୍ ଦେଙ୍ଗା ମେୟାଃ । ଚଇତୁବୁଲେ ଚୁଣ୍ଟୁଲାକେ କାହାଗଏଃ କିଇତେ ଅଓ୍ୱାତେଏ ଆଗୁଲିଡିଏଃ । ମୁସିଂ ତୁୟୁକ ଜାଗାରତାନା ଚଇତୁ ବୁଲେଏ ସିମ୍ କବୁ ଜମକଓ୍ୱା । ଚୁଣ୍ଟିଲା ନେନ୍ କାଜିଇ ଆୟୁମ୍ କେଡାଃ ।

## ଚଇତୁ ବୁଢା

ଚଇତୁ ବୁଢା ହଳ କରିବା ସମୟରେ ଗୋଟିଏ ମୂଷାକୁ ପାଇଲା । ତ । କୁ ମାରିବା ବେଳେ ମୂଷାଟି କହିଲା- ମୋତେ ମାରନାହିଁ ତମକୁ ବିପଦସମୟରେ ସାହାଯ୍ୟ କରିବି । ଚଇତୁ ବୁଢା ମୂଷାକୁ ନମାରି ଘରକୁ ଆଣିଲା । ଦିନେ ଶିଆଳ ପଲ କଥା ହେବାର ମୂଷା ଶୁଣିଲା । ସେମାନେ ଚଇତୁ ବୁଢାର କୁକୁଡା ଖାଇବେ ବୋଲି ଯୋଜନା କରିଛନ୍ତି ।





ଚୁଣ୍ଟିଲା ଚଇତୁ ବୁଲେକେଏ କାଜିଏଡିଏଃ- ତିସିଙ୍ଗ ତୁୟୁକ ସିମ୍ ଗଅକଃ ହୁଜୁଓ୍ୱେ । ଦାତାରମ୍ ସାବାକାଏତେ କଚାରେ ଉକୁଏ କାନଅମେ । ଚଇତୁବୁଲେ ଠିକ୍ ଏନ୍‌ବାଗେ ଦାତାରମ୍ ସାବାକାଏତେ କଚାରେଏଃ ଉକୁଏକାନା । ନିଦେତୁୟୁକ ହୁଜୁଉ ଲେନାଃ ମିଏଡ ମିଏଡତେ ସାବିନେଏଃ ତମ୍ବାଆ ବରକେଡ଼୍‌କଆଃ ତୁୟୁକ ନିର୍‌ଜାନା ।

ମୂଷାଟି ଚଇତୁ ବୁଢା ପାଖକୁ ଯାଇ କହିଲା- ଆଜି ଶିଆଳ ପଲ ଆସି କୁକୁଡାଙ୍କୁ ନେଇ ଖାଇଯିବେ । ତୁ ଗୋଟିଏ ଦାଆଃ ଧରି କବାଟ କୋଣରେ ଲୁଚି ରହିବୁ । ଚଇତୁ ବୁଢା ଠିକ୍ ସେମିତି କଲା । ଗୋଟିଏ ଦାଆଧରି କବାଟ କୋଣରେ ଲୁଚିରହିଲା । ରାତି ହେଲା ଶିଆଳ ମାନେ ଆସି କୁକୁଡା ଘରକୁ ପଶିବାକୁ ଚେଷ୍ଟାକଲେ । ବୁଢା ଭିତରେ ଥାଇ ଦାଆ ଧରି ସମସ୍ତଙ୍କ ମୁଣ୍ଡକୁ ଜୋରରେ ଖେଞ୍ଚିଲା । ଶିଆଳ ମାନେ ଦୌଡି ପଳାଇଲେ ।





ଚିମିନ୍ ଦିନ୍ ତାୟମ୍ ତୁୟୁକ ଜାଗାରତାନା । ଆୟାଆ ମେରମକ ତିସିଙ୍ଗଦବୁ ଜମ୍ କଓ୍ୱା ଚୁଣ୍ଟିଲା ଆୟୁମ୍ କେଡ୍ତେ ଚଇତୁ ବୁଳା କେଏଃ କାଜିଏଡିଏଃ । ତିସିଙ୍ଗ ତୁୟୁକ ମେରମ ଗଅଃକ ହୁଜୁଓ୍ୱେ । ମିଏଡ୍ ମଗାରୁ ସାବ୍କାତେ ଦୁଆର ବଚାରେ ଉକୁଏ କାନାଅମେ । ଚଇତୁ ବୁଳେ ଏନ୍କା ମଗାରୁ ସାବ୍କାତେଏ ଉକୁଜାନା । ନିଦେତୁୟୁକ ହୁଜୁଉ ଲେନା । ଚଇତୁବୁଳେ ମିଣ୍ଡଅ ମିଣ୍ଡଅତେ ସାବିନ୍ ତୁୟୁ କଏଃ କଲାମ ଗଏଃ କେଡ୍ କଓ୍ୱା । ମିଏଡ୍ ଏଙ୍ଗାତୁୟୁ ନିର୍ଜାନା ଆଏ ନାଆଦଃ ସାବିନ୍ ତୁୟୁକଏଃ ସାଙ୍ଗିତାଡ୍ କଓ୍ୱା ।

କିଛିଦିନ ପରେ ପୁଣି ସେମାନେ କଥା ହେଉଥିଲେ । ତାର ଛେଳିଙ୍କୁ ମାରିଖାଇବା । ମୂଷା ଏକଥା ଚଇତୁ ବୁଢାକୁ କହିଲା । ଆଜି ଶିଆଳପଲ ଛେଳି ଚୋରାଇବାକୁ ଆସିବେ ତୁ ଗୋଟିଏ ଗଦାଧରି କୋଣରେ ରହିଥିବୁ । ଚଇତୁବୁଢା ଗଦାଧରି କୋଣରେ ଛକି ବସିଲା । ରାତିହେଲା ଶିଆଳମାନେ ଜଣେ ଜଣେ ହୋଇ ପଶିବାକୁ ଲାଗିଲେ । ଭିତରେ ଚଇତୁ ବୁଢା ଗଦାରେ ମାରିଦେଉଥାଏ । ଗୋଟିଏ ମାଈ ଶିଆଳ ଜାଣିପାରି ଦୌଡି ପଳେଇଲା । ତେଣୁ ଆଜି ଶିଆଳ ବଂଶ ଲୋପ ପାଇନାହିଁ ।



# ମୁକୁଲ୍ ଦାରୁ

## ଧୂଆଁପତ୍ର ଗଛ



# ମୁକୁଲ ଦାରୁ

ସିଙ୍ଗବଙ୍ଗା ମାନୁଆକେ ଚାଷ ପାଇଟି ଲାଗିଡେଏ ଆଟୁକିଏଃ ଉରିଇକିନ୍ ଆଆଁର କେଏ ତେଏ ସିୟୁଉଜାନା । ମେନଦଃ ମିଶେ ସିୟୁଉ କାତେଗେଏଃ ଆୟୁବ୍ ରେନାଃ କେଡାଃ । ଜାଅ ଦିନ୍ ସେଢାଆଏତେ ଆୟୁବ୍ ସାନ୍ତେଏ ସିୟୁଏଃ । ମିଶେ ସାନ୍ତେ ଉରିଇକିନ୍ କାଏଃ ତିଙ୍ଗୁକିନେ । ଉରିଇକିନ୍ ମୁସିଙ୍ଗ ସିଙ୍ଗିବଙ୍ଗା ତାଆ ସେନ୍‌ଜାନ୍ତେ କିନ୍ କାଜିକେଡା ନେନ୍ ମାନୁଆ ହନଦଃ ଜେଟେଲଲରେୟଃ, ଗାମା ରେୟଃ ଗଟାସିଙ୍ଗିଇ ସିୟୁଉଜାନ୍ତେ ଆଲିଂକେ ଏସୁପୁରେଏଃ ସାତାଅ ଲିଂତାନା । ଜକାସାନ୍ତେ କାଏଃ ତିଙ୍ଗୁଲିଂ ତାନା ।





## ଧୂଆଁପତ୍ର ଗଛ

ଭଗବାନ ମଣିଷକୁ ଚାଷକାମ କରିବାକୁ ଆଦେଶ ଦେଲା । ମଣିଷ ଦୁଇଟି ବଳଦକୁ ଯୋଚି ହଳ କରିବାକୁ ଲାଗିଲା । କିନ୍ତୁ ଥରେ ହଳଧରିବାକୁ ଆରମ୍ଭ କଲେ ସନ୍ଧ୍ୟା ପର୍ଯ୍ୟନ୍ତ ହଳ କରେ । ସେ ବିଶ୍ରାମପାଇଁ ଅଳ୍ପ ସମୟ ପାଇଁ ବି ଠିଆ ହୁଏ ନାହିଁ । ବଳଦଦୁଇଟି ଦିନେ ଭଗବାନଙ୍କ ପାଖକୁ ଯାଇ ପ୍ରାର୍ଥନା କଲେ । - ମଣିଷ ଆମ୍ଭକୁ ଖରାରେ, ବର୍ଷାରେ ଦିନସାରା ହଳକରି କ୍ଳାନ୍ତ କରୁଛି । ବିଶ୍ରାମ ପାଇ କିଛି ସମୟପାଇଁ ସେ ଛିଡା ହେଉନାହିଁ ।

ସିଙ୍ଗିବଙ୍ଗା ଜକାଏ ଉଲୁଃଉ କେଡାଃ । ଏନାଏତେ ମିଏଡ୍ ଦାରୁଏମାଡ୍‌କିନେଃ । ୟୁ ନେନ୍ ଦାରୁ ରୱ୍ୱାତାଆବେନ୍ ଦାରୁରେୟାଃ ର' ପାତାଆ ମାନୁଆ ଜମ୍ ସେବେଜାନ୍ରେ ଏନା ଜମ୍ ଲାଗିଡ୍ ଆବେନ୍ କେଏ ତିଙ୍ଗୁ ବେନା । ଅବେନ୍ ଇମିତେ ଜିରେଅବେନ ନାମେୟାଃ । ହାଲାକିନ୍ ଦାରୁ ଆଗୁ କାତେକିନ୍ ରୱ୍ୱାକେଡା ସାରିତେ ସାରି ମାନୁଆକ ଦାରୁ ରେୟାଃ ର' ପାତାଆ ଗୁଣ୍ଡେକାତେ ଜମ୍‌କ ସେବେ ଜାନା । ସିୟୁଉ ତାନ୍ ରେୟଃ ଉରିଇକିନ୍ ତିଙ୍ଗୁ ତାଆତେ ଶୁକୁଲ୍‌କ ଜମ୍ ଲେଏୟାଃ । ଇମିତେ ଉରିଇକ ଜିରେଅକ ନାମେତାନାଃ ।

ଭଗବାନ ସବୁ ଜାଣି ପାରିଲେ । କିଛି ସମୟ ନିରବ ରହି କହିଲେ । ତମକୁ ଗୋଟିଏ ଗଛ ଦେଉଛି । ଏହି ଗଛକୁ ଲଗାଇ ବଞ୍ଚାଇବ । ଗଛର ଶୁଖିଲା ପତ୍ର ମଣିଷ ଖାଇବା ଅଭ୍ୟାସ ହେଲେ ଆଉ ଛାଡି ପାରିବନାହିଁ । ମଣିଷ ହଳ କଲାବେଳେ ଧୂଆଁପତ୍ର ଗୁଣ୍ଡ ଖାଇବାକୁ ଛିଡାହେବ । ସେତିକି ବେଳେ ତମେ ବିଶ୍ରାମ ପାଇବ । ବଳଦଦୁଇଟି ଗଛକୁ ଆଣି ଲଗାଇଲେ । ସତକୁ ସତ ମଣିଷ ଶୁଖିଲା ପତ୍ରକୁ ଖାଇବା ଅଭ୍ୟାସରେ ପରିଣତ ହେଲା । ହଳ କରୁଥିଲେ ମଧ୍ୟ ଠିଆ ହୋଇ ଧୂଆଁପତ୍ର ଗୁଣ୍ଡ ଖାଉଛନ୍ତି । ସେତେବେଳେ ବଳଦମାନଙ୍କୁ ବିଶ୍ରାମ ମିଳୁଛି ।





# ନାମାଏରାଃ
## ନୂଆ ବୋହୁ





## ନାମାଏରାଃ

ବୁରୁସୁବାରେ ମିଏଡ୍ ହାତୁ । ଏନ୍ ହାତୁରେ ନାମାଗେ ମିଏଡ୍ ଏରାକ କେୟାଃ ତାଡିଏଃ । ଜେଟେ ସିଙ୍ଗିରେୟାଃ କାଜି । ନାମାଏରା ବୁରୁସୁବାରେୟାଃ ମାଡ୍କାମ ହାଲାଂ ଜାଅଗେଏଃ ସେନଆ । ମାଡ୍କାମ୍ ହାଲାଂ କାତେଏ ରୁୱେଏ ଏନ୍ ବୁରୁରେଗେ ମିଏଡ୍ ଭାଲୁ ତାଇକେନାଃ । ନାମାଏରା ନେଲ୍ତେ ଜାଗାରିଇଗେ ସୁକୁକିଏଃ । ମାଡ୍କାମ୍ ଦାରୁ ସୁବାଏ ସେନଅଜାନା । ନାମାଏରା ଭାଲୁନେଲ୍ତେ ମାଡ୍କାମ୍କ ହୁରଲେ ଏଣ୍ଡାଆ ତୁଉଡ୍ ତେଏଃ ନିର୍ଜାନା ଅୱାତେ । ଅୱାରେ କୱାକେଏଃ କାଜିଏ ଡିଏଃ । କୱାତାନିଇ ଲଅଃ ଆଆଃସାର ସାବ୍ ଲେଡ୍ତେକିନ୍ ହୁଜୁଉଲେନାଃ ।

## ନୂଆ ବୋହୂ

ପାହାଡ ତଳେ ଗୋଟିଏ ଗାଁ । ସେଇ ଗାଁରେ ଗୋଟିଏ ଯୁବତୀଟିକୁ ଆଣିଥାନ୍ତି । ଖରାଦିନ ହୋଇଥାଏ । ଯୁବତୀଟି ପାହାଡ ତଳେ ଥିବା ମହୁଲ ଗଛ ପାଖକୁ ଯାଇ ମହୁଲ ଗୋଟେଇ ଆଣେ । ସେହି ପାହାଡ ଉପରେ ଗୋଟିଏ ଭାଲୁଥିଲା । ତାକୁ ଦେଖି ଭାଲୁଟି ତା ସହିତ କଥା ହେବାକୁ ଇଚ୍ଛାକଲା । ଭାଲୁଟି ମହୁଲ ମୂଳକୁ ଗଲା । ଯୁବତୀଟି ଭାଲୁକୁ ଦେଖି ମହୁଲ ଫୁଲକୁ ଛାଡି ଘରକୁ ଦୌଡି ପଳେଇଗଲା । ଘରେ ତାର ବରକୁ ସବୁକଥା କହିଲା । ବରଟି ଧନୁଶର ଧରି ତା ସଙ୍ଗରେ ଆସିଲା କିନ୍ତୁ ଭାଲୁ ନ ଥିଲା । ତା ପରେ ସେମାନେ ମହୁଲ ଫୁଲକୁ ଗୋଟେଇ ଘରକୁ ଆସିଲେ ।



ମେନଦଃ ଭାଲୁ ବାଙ୍ଗାଇ ମାଡ୍‌କାମ୍ ହାଲାଙ୍ଗ୍ କାତେକିନ୍ ରୁଓ୍ୱେଜାନା । ତାୟମସୁସିଂ ଏନ୍‌କାଗେ ନାମାଏରା ମାଡ୍‌କାମେଏ ହାଲାଙ୍ଗ ତାନା ଭାଲୁ ହୁଜୁଉଲେନାଃ । ଭାଲୁ ନେଲ୍‌ତେ ନାମାଏରା ମାଡ୍ କାମ୍ ହୁରଲେ ଏଣ୍ଡାଆ ତୁଇଡ୍‌ତେ ଅଓ୍ୱାତେଏ ନିର୍ ଜାନା । ଅଓ୍ୱାରେ କଓ୍ୱାକେଏଃ କାଜିଏଡିଏଃ । କଓ୍ୱାତାନିଇ ଲଅଃ ଆଆଃସାର ସାବ୍‌ଲେଡ୍‌ତେକିନ୍ ହୁଜୁଉ ଲେନାଃ ମେନଦଃ ଭାଲୁ ବାଙ୍ଗାଇ । ମାଡ୍‌କାମ ହାଲାଂ କାତେକିନ୍ ରୁଓ୍ୱେଲେନାଃ ।

ତା ପରଦିନ ଯୁବତୀଟି ପୁଣି ପାହାଡ ତଳେ ଥିବା ମହୁଲ ଗଛ ପାଖକୁ ଯାଇ ମହୁଲ ଗୋଟେଇଲା । ଆଜି ମଧ୍ୟ ଭାଲୁଟି ଆସିଲା ଭାଲୁକୁ ଦେଖି ଯୁବତୀଟି ମହୁଲ ଫୁଲକୁ ଛାଡି ଘରକୁ ଦୌଡି ପଳେଇଗଲା । ପୁଣି ତା ବର ସହିତ ଧନୁଶର ଧରି ତା ସଙ୍ଗରେ ଆସିଲେ କିନ୍ତୁ ଭାଲୁ ନାହିଁ ।





ଗାପାତେର ସେତାଆରେ ନାମାଏରାକେ ଡିଏଙ୍ଗ୍ଏମାଡିଏଃ। କାଜିଏଡିଏଃ- ଯୁଃ ନେନ୍ ଚାଟୁରେୟାଃ ଡିଏଙ୍ଗ୍ ଦାରୁ ସୁବାରେ ଏମ୍ତାଆମେ। ନାମାଏରା ଦାରୁ ସୁବାରେ ଡିଏଙ୍ଗ ଚାଟୁଏମ୍ ତୁଉଡ୍ତେଏଃ ରୁଓ୍ୱେଲେନା। ଭାଲୁ ହୁଜୁଉ ଲେନ୍ତେ ନେଲିଇ ତାନାଦଃ ନାମାଏରା ବାଙ୍ଗାଇ ଦାରୁ ସୁବାରେ ମିଏଡ୍ ଡିଏଙ୍ଗ ଚାଟୁମେନାଆ। ନଗଡ୍ ନଗଡ୍ ଶୁଆନ୍ ତାନା। ଭାଲୁଚି ସାମ୍ପାଲାଅଆ। ସାବିନ୍ ଚାଟୁରେୟାଃ ଡିଏଙ୍ଗ କଏଃ ଜମ ଚାବା କେଡାଃ। ଜକା ଗାଆଲି ତାୟମ୍ ଦାରୁ ବୁଟେରେଏଃ ବାଟିଏ କାନା। କଓ୍ୱାତାନିଇ ମାରାଙ୍ଗ ଲେକାନ୍ ମିଏଡ୍ ହାକେ ଆଗୁଲେଡାଃ ଭାଲୁ ବଅଃରେ ବାର୍ ଆପେଃଦାଣା କଳାମ୍ କିଏଃ। ଭାଲୁ ଏନ୍ତାଆଃ ରେଗେଏ ଗଏଜାନା। ଏନାଏତେ ନାଆସାନ୍ତେ ନାମା ଏରାକେ ଏସ୍କାର ଯାହାତେ କାକ କୁଲିଇୟେ।

ତା ପରଦିନ ଯୁବତୀକୁ ମଦହାଣ୍ଡିଟିଏ ଦେଲା ଏବଂ କହିଲା - ଯା ତୁ ଏହି ମଦହାଣ୍ଡିକୁ ମହୁଲ ଗଛ ମୂଳରେ ରଖିଦେବୁ। ଯୁବତୀଟି ମଦହାଣ୍ଡିଟିକୁ ଗଛ ମୂଳେ ରଖିଦେଲା। କିଛି ସମୟପରେ ଭାଲୁଟି ଆସି ମଦହାଣ୍ଡିଟିକୁ ପାଇଲା। ତାକୁ ଖାଇଲା କିଛି ସମୟପରେ ଭାଲୁଟି ଗଛମୂଳରେ ପଡିଗଲା ଆଉ ସେ ଯାଇ ପାରିଲା ନାହିଁ। ଯୁବତୀର ବର ଗୋଟିଏ ବଡ କୁରାଢୀ ଆଣି ଦୁଇ ତିନି ଥର ଭାଲୁ ମୁଣ୍ଡରେ ଚୋଟ ମାରିଲା। ଭାଲୁ ଶେଷ ହୋଇଗଲା। ସେହିଦିନ ଠାରୁ ଯୁବାତୀକୁ ଏକୁଟିଆ ଛାଡନ୍ତି ନାହି।



# କୁଲେଏରା

## ବାଘ ଝିଅ



## କୁଲେଏରା

ମିଏଡ୍ ଏଙ୍ଗା କୁଲେ ହନ୍କ ତାଇକେନା । ମୁସିଙ୍ଗ୍ ଏଙ୍ଗା କୁଲେ ହନର୍ ହନର୍ତେ ଗଟା ମୁଲିରେୟଃ ଜିଲୁକ କାଏଃ ନାମ୍ କେଡ୍କୱା । ମିଡ୍ତାଆରେ ସାଆନଦିପିଲ୍ ଏରାକ ସାଆନକ ତଲତାନା । ମିଏଡ୍ କୁଇହନ୍ ଲିଜେଏ-ରେକଃ ଗିତିଇତାଡିଏଃ । କୁଲେ ନେଲ୍ତେ ସାବିନକ ନିର୍ଜାନା । ହନଦଃ ଏନ୍ତାଆଃ ରେଗେକ ବାଗେ ତାଡିଏ କୁଲେ ହନକେ ଗଅଃ କିଇତେଏଃ ଇଡ୍କିଏଃ । କୁଲେ ହନକ ତାଆରେଏଃ ଏମ୍ତାଡିଏ ।

## ବାଘ ଝିଅ

ଗୋଟିଏ ବାଘୁଣୀର ଛୁଆ ଥିଲେ । ବାଘୁଣୀଟି ଦିନେ ବୁଲି ବୁଲି ଶିକାରଟିଏ ପାଇଲାନାହିଁ । ଜଙ୍ଗଲରେ ସ୍ତ୍ରୀ ଲୋକମାନେ କାଠ କାଟି ବିଡା ବାନ୍ଧୁଥିଲେ । ଗୋଟିଏ ଛୋଟ ଝିଅକୁ ଗଛତଳେ ଶୁଆଇ ଦେଇଥିଲେ । ବାଘୁଣୀଟି ଆସିଲା । ତାକୁ ଦେଖି ସମସ୍ତେ ଦୌଡି ପଳାଇଲେ । ବାଘୁଣୀଟି ଝିଅକୁ ଟେକିନେଇ ନିଜର ଛୁଆମାନଙ୍କୁ ଦେଲା ।







ମେନଦଃ କୁଲେ ହନକ କାକ ଜମ୍‌କିଏଃ । ଆଏଃ ଲଅକ ଇନ୍‌ନୁ ଜାନା । ସିଙ୍ଗେ ମେନତେ ମିଏଡ୍ ରେଙ୍ଗେଏ ସେପେଡ୍ ତାଇକେନା । ଆଏଃ ଜାଅଦିନ ଉରିଇ ଗୁପି ବୁରୁ ସୁବାଏ ହାରକଓ୍ୱା । ଜାଅଦିନ୍ ମିଏଡ୍ ହାପାନୁମେଏ ନେଲିଇୟେ କୁଲେ ଉଣ୍ଡୁରେଏ ବଲୁଆ । ମୁସିଙ୍ଗଦଃ ସିଙ୍ଗେ କୁଲେଉଣ୍ଡୁ ଜାପାଆରେ ହାପାତେଏ ଉକୁଉଏକାନା । ହାପାନୁମ ଅଣ୍ଡଙ୍ଗ ଲଅଗେ ତିଇରେଏଃ ସାବ୍‌କିଏଃ । ହାତୁ ହ'କ ହୁଜୁଉ ଲେନ୍ତେ ଶାକମ ସିନ୍ଦୁର କିଇତେକ ଆଆଦି ତାଡ୍‌କିନେ ।

କିନ୍ତୁ ସେମାନେ ତାକୁ ଖାଇଲେ ନାହିଁ ବରଂ ତା ସହିତ ଖେଳିବାକୁ ଲାଗିଲେ । ଧିରେ ଧିରେ ସେ ବଡ ହେବାକୁ ଲାଗିଲା । ସିଙ୍ଗେ ବୋଲି ଗୋଟିଏ ଗରୀବ ପିଲାଟିଏ ଥିଲା । ସେ ସବୁଦିନ ଗାଈ ବଳଦଙ୍କୁ ନେଇ ପାହାଡ ତଳେ ଚରାଏ । ସେ ସବୁଦିନ ଝିଅଟିକି ଦେଖେ । ସେ ବାଘ ଗୁମ୍ଫାରେ ପଶିଯାଏ । ଦିନେ ସିଙ୍ଗେ ବାଘଗୁମ୍ଫା ପାଖରେ ଛକି ବସିଲା । ଝିଅଟି ଯେତେବେଳେ ବାହାରକୁ ବାହାରିଲା, ସେ ତା ହାତକୁ ଧରି ପକାଇଲା ।



ନିଦେଜାନା ଆୟାଆ ଅଓ୍ୱାଆ ଜାପାଆରେ କୁଲେକ ଗାରଜାଅ କେଡାଃ । ହାପାନୁମ୍ ସେନଅ ତେୟାଃ ନାମ୍ତାନା ସିଙ୍ଗେ ହାପାନୁମକେ ଅଓ୍ୱାରେଏଃ ହାଣ୍ଡେଡ୍ ଏସେଡ୍ କିଏଃ । ଆୟାଆ ଏସୁପୁରେଏ ଉରିଇକ ତାଇ ତାଇକେନା । ମିଏଡ୍ ବୁଗିନ୍ ହାଲା ଅଣ୍ଡଙ୍ଗ କିଇତେ କୁଲେକଏଃ ଏମାଡ୍କଓ୍ୱା ।

ସେ ତା' ଘରକୁ ନେଇଗଲା । ଗାଁ ଲୋକ ଆସି ସେମାନଙ୍କୁ ଶଙ୍ଖା ସିନ୍ଦୁର ପିନ୍ଧାଇ ବାହାଘର କରିଦେଲେ । ରାତିହେଲା ସବୁ ବାଘ ଆସି ତା ଘର ପାଖରେ ଗର୍ଜନ କଲେ । ଝିଅଟି ବାଘ ପାଖକୁ ଯିବାକୁ ବାହାରିଲା କିନ୍ତୁ ସିଙ୍ଗେ ତାକୁ ବାହାରିବାକୁ ଦେଲା ନାହିଁ କବାଟ ବନ୍ଦ କରିଦେଲା । ତ'ାର ବହୁତ ଗୁଡିଏ ବଳଦଥିଲେ ।



ମେତାଡ କଓ୍ୱାଏ - ଆପେୟା ହନ୍ ଏରାଦଃ ଆଞ୍ଜ୍ ଆଆଁନ୍ଦିଜାନା। ନିଇ ଆପେୟାଃ ଗନଂ ଉରିଇଦଞ୍ଜ୍ ଏମାପେ ତାନା। ନିଇ ଇଡିକିଇତେ ସେନଅପେ। କୁଲେକ ଉରିଇ ଇଡ୍କା ତେକ ସେନଅଜାନା ଏନ୍ ମୁସିଙ୍ଗେତେ ନାଆ ସାନ୍ତେ ମୁଣ୍ଡା’ ସମାଜରେ ଗନଂବୁ ଏମେତାନା। ଗନଂ ଦସ୍ତୁର ଚାଲାଅ ହୁଜୁଉ ତାନା।

ଗୋଟିଏ ଭଲ ବଳଦକୁ ବାହାର କଲା ତାକୁ ବାଘମାନଙ୍କୁ ଦେଲା। କହିଲା- ତମର ଝିଅକୁ ମୁଁ ବାହା ହୋଇଛି। ତେଣୁ ଏହି ବଳଦହେଉଛି କନ୍ୟାସୁନା। ତାକୁ ନେଇଯାଅ। “ବାଘମାନେ ବଳଦକୁ ନେଇ ଚାଲିଗଲେ। ସେହି ଦିନଠାରୁ ମୁଣ୍ଡା ସମାଜରେ ଝିଅ ଘର ଲୋକେ ଗନଂ ବା କନ୍ୟାସୁନା ଗ୍ରହଣ କରିଆସୁଛନ୍ତି ”। ସେ ପ୍ରଥା ଏବେ ମଧ୍ୟ ଅଛି।

